## ସାରଡାଙ୍ଗ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

**ଖଇରା,(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ଖାଲି ପଡିଥିବା ସାରଡାଙ୍ଗ ପଞ୍ଚାୟତର ସରପଞ୍ଚ ନିର୍ବାଚନ ପାଇଁ ପ୍ରାଥମିକ ପ୍ରକ୍ରିୟା ଆରମ୍ଭ ହୋଇଛି। ଭୋଟର ତାଲିକାଗୁଡିକୁ ୱାର୍ଡ ସ୍ତରରେ ଭାଗ କରାଯିବା କାର୍ଯ୍ୟ ଆରମ୍ଭ କରିବାକୁ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ମିଳିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଫେବୃୟାରୀ ୧୨ରୁ ୨୨ତାରିଖ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ। ମାର୍ଚ୍ଚ ୮ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ କରାଯିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ପୁଅକୁ ବଞ୍ଚାଇବାକୁ ଯାଇ ପୋଡ଼ିଗଲେ ମା'

**ବାରିପଦା ଅଫିସ,୯।୨-** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଦେଉଳିଆ ପଞ୍ଚାୟତ ଅଧୀନ ବଇଁଚା ଗ୍ରାମର ଗଣେଶ ସିଂଙ୍କ ଘରେ ମଙ୍ଗଳବାର ନିଆଁ ଲାଗି ଏକ ବଖରା ପୋଡ଼ି ଯାଇଛି। ଅଗ୍ନିକାଣ୍ଡ ସମୟରେ ୫ବର୍ଷର ଶିଶୁପୁତ୍ରକୁ ଉଦ୍ଧାର କରିବାକୁ ଯାଇ ତାଙ୍କ ମାଆ ଫୁଲ ସିଂ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ମଦ ସହ ବାଇକ୍ ଜବତ

**ଭଦ୍ରକ ଅଫିସ, ୯।୨-** ଭଦ୍ରକ ଜିଲା ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ ମଙ୍ଗଳବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ବ୍ୟାପକ ରନ୍ଧାମଦ ଓ ଏକ ବାଇକ୍ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଏହି ଟିମ୍ ବାସୁଦେବପୁର ଥାନା ଅନ୍ତର୍ଗତ ପଡ଼ୁଁଆ ବଜାର, ଚୁଡ଼ାମଣି ଗ୍ରାମ, ଚୁଡ଼ାମଣି ଜେଠି ରୋଡ଼ ଓ ନାୟକାଣିଡ଼ିହା ଥାନା ଅଧୀନ ବିଦେଇପୁର ଅଞ୍ଚଳରେ ଚଢ଼ାଉ କରି ୧୯୦ ଲିଟର ଦେଶୀରନ୍ଧା ମଦ ଓ ଗୋଟିଏ ମୋଟର ସାଇକେଲ ଜବତ କରିଥିଲା। ଜବତ ମଦର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି।

### ଗର୍ତ୍ତରେ ଫସିଲା ଡମ୍ପର

**ଯୋଡ଼ା, ୯।୨(ଡି.ଏନ୍.ଏ.)-**କେନ୍ଦୁଝର ଜିଲା ଯୋଡା ସହରରେ ଥିବା ଷ୍ଟେଟ ବ୍ୟାଙ୍କ ସମ୍ମୁଖ ରାସ୍ତାରେ ସୋମବାର ଏକ ଲୁହାପଥର ବୋଝେଇ ଡମ୍ପରଟି ଯାଉଥିବା ବେଳେ ହଠାତ୍ ଏକ ବଡ ଗାତରେ ପଶିଯିବାରୁ ଏକ ଦୁର୍ଘଟଣାରୁ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିଲେ। ରାସ୍ତାକଡରେ ପାଇପଲାଇନ୍ ସଂଯୋଗୀକରଣ ପାଇଁ ମେଶିନ ସାହାଯ୍ୟରେ ବଡ ଗାତ କରାଯାଇଥିଲା। ତେବେ ପାଇପ୍‌ଲାଇନ୍ ସଂଯୋଗୀକରଣ ପରେ ଉକ୍ତ ଗାତକୁ ପୋତାଯିବା ପରିବର୍ତ୍ତେ ଛାଡି ଦିଆଯାଇଥିଲା। ଗଭୀର ଭାବେ ଗାତଟି କରାଯାଇ ମାଟି ପୋତା ଯାଇ ନ ଥିବାରୁ ଆଖପାଖ ସ୍ଥାନ ଦୁର୍ବଳ ରହିଥିଲା। ଏହିପରି ସହରର ବିଭିନ୍ନ ସ୍ଥାନରେ ମାଟି ପୋତାଯାଉ ନଥିବାରୁ ବାଇକ୍ ଆରୋହୀ, ଛୋଟ ଯାନ ଅନେକ ସମୟରେ ଉକ୍ତ ଗାତରେ ପଡି ଦୁର୍ଘଟଣାଗ୍ରସ୍ତ ହେଉଥିବା କାର୍ତ୍ତିକ ପାଠକ, ଜିତେନ୍ଦ୍ର ନାଏକ, ମୁକେଶ ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି।

### ମାଟି ବୋଝେଇ ଟ୍ରାକ୍ଟର ଜବତ

**ଭଣ୍ଡାରିପୋଖରୀ,୯।୨(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଞ୍ଚଳରେ ଦିନକୁ ଦିନ ବେଆଇନ ବାଲି ଓ ମାଟି ବ୍ୟବସାୟ ବୃଦ୍ଧି ପାଉଥିବାବେଳେ ପ୍ରଶାସନ ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। କେବଳ ଧର୍ମକୁ ଆଖି ଠାର ଭଳି ବିଭାଗୀୟ ଅଧିକାରୀ କେତେବେଳେ କେମିତି କିଛି ବେଆଇନ ଗାଡ଼ି ଧରୁଥିଲେ ସୁଦ୍ଧା ମାଟି,ବାଲି ଚାଲାଣ ବଢ଼ି ଚାଲିଛି। ବ୍ଲକର ବିଭିନ୍ନ ସ୍ଥାନରୁ ମାଟି ଚୋରି କରି ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ଇଟାଭାଟିକୁ ବିକ୍ରି କରାଯାଉଛି। ସୋମବାର ଭଣ୍ଡାରିପୋଖରୀ ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ ଜଗନ୍ନାଥପ୍ରସାଦଠାରୁ ନେରଡ଼ା ପର୍ଯ୍ୟନ୍ତ ବୈତରଣୀ ନଦୀ ପଠା ଗସ୍ତ କରିଥିଲେ। ଉକ୍ତ ସ୍ଥାନଗୁଡ଼ିକରେ ବେଆଇନ ଇଟାଭାଟି ଗଢ଼ି ଉଠିଥିବାରୁ ତହସିଲଦାର ନେରଡ଼ାଠାରୁ ୨ଟି ମାଟି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ହେପାଜତରେ ଟ୍ରାକ୍ଟର ୨ଟି ରହିଥିବାବେଳେ ୨୦ହଜାର ୨୧୦ ଟଙ୍କା ଜରିମାନା ଆଦାୟ କରାଯାଇ ଗାଡ଼ି ଦୁଇଟିକୁ ଛଡ଼ାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

### ୨ ବିଦ୍ୟାଳୟକୁ ପୋଷ୍ୟ ଗ୍ରହଣ କଲେ ବିଧାୟକ

**ରାଇବଣିଆ, ୯।୨-**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବାଲେଶ୍ୱର ଜିଲାର ୨ଟି ସର୍ବପୁରାତନ ୧୪୩ବର୍ଷ ଅନୁଷ୍ଠାନ ଲକ୍ଷ୍ମଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଖୁଆଡ଼ସ୍ଥିତ ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ରୂପେ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ବିଧାୟକ ପାତ୍ରଙ୍କ ଏହି ଘୋଷଣା ପରେ ତାଙ୍କୁ ଉଭୟ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଓ ଅନ୍ୟ କର୍ମକର୍ତ୍ତା, ପ୍ରଧାନଶିକ୍ଷକ ସମେତ ଅଭିଭାବକ ଓ ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ଜୀବିକା ଲାଗି ଚାକିରି, ଦୁଃଖ ଲାଘବ ପାଇଁ କବିତା

## ନିଆରା ମଣିଷ କପିଳ

**ଖଇରା, ୯।୨(ଉତ୍କଳବନ୍ଧୁ ପଣ୍ଡା)**



ଗ୍ରାମର ଜଣେ ମହିଳାଙ୍କୁ ଚିଠି ଦେଉଛନ୍ତି କପିଳ।

ବାଲେଶ୍ୱର ଜିଲା ଖଇରା ଅଞ୍ଚଳରେ କପିଳ ଦାସ ଏକ ଜଣାଶୁଣା ନାଁ। ସେ ସକାଳୁ ସକାଳୁ ନିତ୍ୟ କର୍ମ ସାରି ସାଇକେଲ ଧରିବା ମାତ୍ରେ ତାଙ୍କ କାନରେ ବାଜେ କପିଳ ଭାଇ ମୋ ଆଧାର କାର୍ଡ ଆସିଛି କି । ଆଉ କିଏ କୁହେ ମୋ ଡ୍ରାଇଭିଂ ଲାଇସେନ୍ସ ଆସିଛି କି । ଯଦି ଆସିଥାଏ ତ ଚିଠି କି ରେଜିଷ୍ଟର ପୋଷ୍ଟ ଦେବା ଆଳରେ ଦୁଇପଦ ଭଲ ମନ୍ଦ ପଚାରି ବୁଝିଯାନ୍ତି। ସମୟ ସୁବିଧା ଦେଖି ୨ ପଦ କୌତୁକିଆ କବିତା ବୋଲି ଦେଇଯାନ୍ତି । ଏଭଳି ଚିଠି ଦିଆନିଆ ମଧ୍ୟରେ ସମ୍ପର୍କ ଡୋରିରେ ଗ୍ରାମବାସୀଙ୍କ ସହ ଯୋଡ଼ି ହୋଇଯାଇଛନ୍ତି ସାଉଁଡ଼ିଆ ପୋଷ୍ଟ ଅଫିସର ଡାକପିଅନ କପିଳ ଚନ୍ଦ୍ର ଦାସ । ଡାକ ପିଅନ ତାଙ୍କ ପେଶା ସତ ହେଲେ ତାଙ୍କ ମନ ସବୁବେଳେ କବିତା ଲେଖାରେ। ଛୁଟି ଦିନ ହେଉ କିମ୍ବା ଅବସର ସମୟରେ ହେଉ କବିତା ଲେଖିବା ସହ ସାହିତ୍ୟ ଆଲୋଚନାରେ ଭାଗ ନେବାରେ ସେ ଆତ୍ମତୃପ୍ତି ଲାଭ କରିଥାନ୍ତି।

ଡାକ ପିଅନ ହିସାବରେ ଯେତିକି ପରିଚିତ ନୁହନ୍ତି ଜଣେ ବ୍ୟଙ୍ଗକବି ହିସାବରେ ସ୍ଥାନୀୟ ଅଞ୍ଚଳରେ ଅଧିକ ଚର୍ଚ୍ଚିତ। ଆବାଳ ବୃଦ୍ଧ ବନିତା ତାଙ୍କର ଏହି କୌତୁକିଆ ମଜାଳିଆ କବିତା ଓ କଥା ଶୁଣିବା ପାଇଁ ପାଖରେ ଭିଡ଼ ଜମାଇଥାନ୍ତି। ଖଇରା ବ୍ଲକର ମାଖନପୁର ପଞ୍ଚାୟତ କୁତୁପୁରୁ ଗ୍ରାମର କପିଳ ଚନ୍ଦ୍ର ଦାସ ମାଖନପୁରୁ ପ୍ରାଇମେରୀ ପରେ ହାଇସ୍କୁଲରେ ପାଠ ପଢ଼ି ୧୯୯୧ ଏପ୍ରିଲ ୨୩ତାରିଖରେ ପୋଷ୍ଟ ପିଅନ ରନର ଭାବେ ଯୋଗ ଦେଇଥିଲେ। ୧୯୭୮ରେ ସେ ବିବାହ କରିବା ପରେ ତାଙ୍କ ଜୀବନରେ ଅଜଣା କଳାବାଦଲ ଘୋଟି ଆସିଥିଲା। ଜଣକ ପରେ ଜଣେ ଏହିଭଳି ୩ ପୁଅ, ୩ ଝିଅ ଆର ପାରିକି ଚାଲିଯାଇଥିଲେ। ଶେଷ ସନ୍ତାନ ଭାବେ ପୁଅ ଅଶୋକ ୭ବର୍ଷର ହୋଇଥିଲା ବେଳେ ସେ ମଧ୍ୟ ଥାଲାସେମିଆ ରୋଗରେ ମୃତ୍ୟୁବରଣ କରିଥିଲେ। ନିଜ ଦୁଃଖ କଥା କହୁଥିବା ବେଳେ ଟୀକା ଗୋବିନ୍ଦ ଚନ୍ଦ୍ରଙ୍କର ସେହି କାଳଜୟୀ ଲେଖା 'ବାଛି ନେବ କଞ୍ଚା ରଖିବ ପାଚିଲା, ଦେବଟି ଦାରୁଣ ଦୁଃଖ' ବୋଲି ଆବୃତ୍ତି କରିବା ସମୟରେ କପିଳଙ୍କ ଆଖିରୁ ୨ ଟୋପା ଲୁହ ଝରିପଡ଼େ। ଦୁଃଖକୁ ଚାପିବା ପାଇଁ ଗାଁ ପିଲାଙ୍କ ସହ ଖୁସିରେ ସମୟ କାଟିବା ସହ ସେ କବିତା ଲେଖୁଛନ୍ତି। ଏହାରି ଭିତରେ ସେ ୧୫୦ ଊର୍ଦ୍ଧ୍ୱ ବ୍ୟଙ୍ଗ କବିତା ରଚନା କରିସାରିଲେଣି। ସେଥିମଧ୍ୟରୁ ଅଲିଭା ବ୍ୟଙ୍ଗ ସ୍ମୃତି ପୁସ୍ତକ ପ୍ରକାଶିତ ହୋଇଥିବାବେଳେ ଅର୍ଥ ଅଭାବରୁ ବହୁଲେଖା ପ୍ରକାଶିତ ହୋଇପାରୁନାହିଁ।

## ଉଚ୍ଛେଦ ହେଲା ୩୫ ବିସ୍ଥାପିତ ଘର



ଜେସିବି ଦ୍ୱାରା ଉଚ୍ଛେଦ କରାଯାଉଛି।

**ଚମ୍ପୁଆ/ଯୋଡ଼ା, ୯।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଜୋଡା ବ୍ଲକରେ ନିର୍ମାଣାଧିନ ଓଡିଶାର ଦିତୀୟ ବୃହତ୍ତ ନଦୀବନ୍ଧ ଯୋଜନା ପାଇଁ ମଙ୍ଗଳବାର ବୁଡି ଅଞ୍ଚଳ ଶଙ୍କରପୁରଠାରେ ୩୫ ଗୋଟି ବିସ୍ଥାପିତ ଘରକୁ ଉଚ୍ଛେଦ କରାଯାଇଛି। ଏହି ଉଛେଦ କାର୍ଯ୍ୟରେ ୩ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିବା ବେଳେ ପ୍ରାୟ ୨ଘଣ୍ଟା ଧରି ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଏହି ଉଚ୍ଛେଦ ବେଳେ ଆଡିଶନାଲ ଏସପି ବିରଞ୍ଚି ପ୍ରସାଦ ଦେହୁରୀ,ଏସଡିପିଓ ଦିଲୀପ କୁମାର ବାଗ, ପିଡି ଆରଆର କୁଶଳଚନ୍ଦ୍ର ନାଏକ, ସିସିଇ ପ୍ରଶନ୍ନ ପାଣି, ସିଆରସିବି ଉଦୟନାଥ ସାହୁ, ମାଜିଷ୍ଟ୍ରେଟ ଲଳିତ କୁମାର ନାଏକ ଓ ଅତିରିକ୍ତ ତହସିଲଦାର ଚରଣ ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଥିଲା। ୩୫ ପରିବାରକୁ ସମ୍ପୂର୍ଣ୍ଣ ରାଶି ପ୍ରଦାନ ପରେ ଏହି ଉଚ୍ଛେଦ କରାଯାଇଛି ବୋଲି କୁଶଳ ଚନ୍ଦ୍ର ନାଏକ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟକି କିଛିଦିନ ତଳେ କଂଗ୍ରେସ ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ ଦୁଇ ଦୁଇ ଥର ଏହି ବୁଡି ଅଞ୍ଚଳ ଗସ୍ତ କରି ଉପୁଜୁଥିବା ସମସ୍ୟା ଓ ବିସ୍ଥାପିତଙ୍କ ଥଇଥାନ ସହିତ ବସ୍ତି ବାସୀନ୍ଦାଙ୍କ ମୌଳିକ ସୁବିଧା ଯୋଗାଇଦେବାକୁ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# କାର୍‌ରୁ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

**ରେମୁଣା/ବାହାନଗା, ୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଥାନା ପୋଲିସ୍ ଓ ଶେରଗଡ ଫାଣ୍ଡି ପୋଲିସ୍ ରବିବାର ଅପରାହ୍ଣରେ ୧୬ ନଂ. ଜାତୀୟ ରାଜପଥର ରେମୁଣା ବ୍ଲକ ଶେରଗଡ ଟୋଲଗେଟ୍ ନିକଟରୁ ଏକ ଚୋରା ଗଞ୍ଜେଇ ବୋଝେଇ କାର୍ ପୋଲିସ୍ ଅଟକାଇଥିଲା। ଯାଞ୍ଚ ସମୟରେ କାର୍ ଭିତରୁ ପୋଲିସ୍ ୧ କୁଇଣ୍ଟାଲ ୧୪ କିଲୋ ୧୭୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। କାର୍‌କୁ ମଧ୍ୟ ଜବତ କରାଯାଇଛି। କାର୍‌ରେ ଥିବା ଡ୍ରାଇଭରଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୦ଲକ୍ଷ ଟଙ୍କା ହେବ ବୋଲି ପୋଲିସ୍ କହିଛି।

୧୬ନମ୍ବର ଜାତୀୟ ରାଜପଥ ଦେଇ କୋରାପୁଟରୁ ମୁର୍ଶିଦାବାଦକୁ ଏକ କାର୍ (ନଂ. ଓଡି ୦୧ପି ୪୬୬୪ ) ଯୋଗେ ୩ଟି ପ୍ୟାକେଟ୍‌ରେ ୧କୁଇଣ୍ଟାଲ ଗଞ୍ଜେଇ ଚୋରାଚାଲାଣ ହେଉଥିଲା। କାର୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବିଷୟରେ ପୋଲିସ ଖବରପାଇ ଶେରଗଡ ଟୋଲ୍‌ଗେଟ ନିକଟରେ ଖନ୍ତାପଡା ଥାନା ଅଧିକାରୀ ପରେଶ ରାଉତଙ୍କ ନିର୍ଦ୍ଦେଶକ୍ରମେ ଶେରଗଡ ଫାଣ୍ଡି ଅଧିକାରୀ କ୍ରିଷ୍ଟା ପିଙ୍ଗୁଳା, ରମେଶ ଚନ୍ଦ୍ର ପ୍ରଧାନ, ଶ୍ରୀକାନ୍ତ ଷଡଙ୍ଗୀ, ଏଏସ୍‌ଆଇ ଗଦାଧର ଜେନା ପ୍ରମୁଖ ରବିବାର ଅପରାହ୍ଣ ସମୟରେ ଜଗି ରହି ସମସ୍ତ କାର୍‌କୁ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗଞ୍ଜେଇ ଭର୍ତ୍ତୀ ହୋଇଯାଉଥିବା କାର୍‌କୁ ପୋଲିସ୍ ଅଟକାଇଥିଲା। ଗଞ୍ଜେଇ ସହିତ କାର୍ ଓ ୪ଜଣଙ୍କୁ ପୋଲିସ ଗିରଫ କରି ମାଜିଷ୍ଟ୍ରେଟ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କରଙ୍କ ସାମ୍ନାରେ ଜବତ ଗଞ୍ଜେଇକୁ ଖୋଲାଯାଇ ଓଜନ କରାଯାଇଥିଲା। ୩ ପ୍ୟାକେଟ ମଧ୍ୟରୁ ପ୍ରଥମ ପ୍ୟାକେଟରେ ୩୭ କିଲୋ ୪୬୦ ଗ୍ରାମ ଥିବା ବେଳେ ଦ୍ୱିତୀୟ ପ୍ୟାକେଟରେ ୪୨ କିଲୋ ୩୩୦ ଗ୍ରାମ, ତୃତୀୟ ପ୍ୟାକେଟରେ ୩୮ କିଲୋ ୩୮୦ ଗ୍ରାମ ଥିବା ଜଣାପଡିଛି। ମୋଟ ୧କୁଇଣ୍ଟାଲ ୧୪କିଲୋ ୧୭୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଗିରଫ ହୋଇଥିବା ବେପାରୀ ହେଲେ ମୁର୍ଶିଦାବାଦର ଆଜାଦହିନ୍ଦ୍ ବାଗ ରୋଡର ହରୀଗଞ୍ଜ ଅଞ୍ଚଳର ଇନ୍ଦ୍ରଜିତ୍ ମଣ୍ଡଳ(୩୦), ବିଜୟ ମଣ୍ଡଳ(୨୫) । କାର୍ ଡ୍ରାଇଭର ହେଲେ କୋରାପୁଟ ଦେଓଘାଟି ଅଞ୍ଚଳର ସୁରେନ୍ଦ୍ର ନାଗର ପୁଅ ସୁମିତ ନାଗ, ଅନ୍ୟଜଣେ କୋରାପୁଟ ଜିଲାର ବଡଚିନ୍ଦିରି ମସ୍କିପୁର ଗ୍ରାମର ବାବୁଲା ଖୋସାଲ। ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଏଥିନିମନ୍ତେ ଖନ୍ତାପଡା ଥାନାରେ ଏକ ମାମଲା(ନଂ.୪୩/୨୧) ରୁଜୁ କରାଯାଇ ୨୦ ବି (୧୧)(ସି)/୨୯ଏନଡି ପିସି ଧାରା ରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ବିଶ୍ୱ ଶାନ୍ତି ମହାଯଜ୍ଞ

**ଭୋଗରାଇ, ୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ପ୍ରିୟବାଗ ସାମାଜିକ କର୍ମୀ ଭୃଗୁରାମ କରଶର୍ମାଙ୍କ ବାସଭବନ ସମ୍ମୁଖରେ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଭାରତଜ୍ୟୋତି ପୁରସ୍କାରପ୍ରାପ୍ତ ସୁନାମଧନ୍ୟ ଡା. ଶ୍ରୀଶ କୁମାର ଦାସ ପୂର୍ଣ୍ଣାହୁତି ଦେଇଥିଲେ। ସପ୍ତାହେ ବ୍ୟାପୀ ଏହି ଧର୍ମୀୟ କାର୍ଯ୍ୟରେ ଭଗବତ ଗୀତା, ଜପ, ଧ୍ୟାନ, ସହ ପ୍ରବଚନ, ସଭା କରାଯାଇଥିଲା। ବୃନ୍ଦାବନ ଧାମର ଧର୍ମୀୟ ଗୁରୁ ସ୍ୱାମୀ ମୁକୁଳ କୃଷ୍ଣ ମହାରାଜ ଅବକ୍ଷୟ ସମାଜକୁ ସୁଧାର ନିମନ୍ତେ ଧର୍ମୀୟ ଚେତନା ଜରୁରୀ ହୋଇଛି ବୋଲି ପ୍ରବଚନ ମାଧ୍ୟମରେ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଣୀ ଆହ୍ୱାନ ଦେଇଥିଲେ। ଉକ୍ତ ମହାଯଜ୍ଞରେ ଶକ୍ତିପଦ ପଣ୍ଡା, ପରେଶ ଚନ୍ଦ୍ର ଦାଶ, ସରୋଜ ଷଡ଼ଙ୍ଗୀ, ଗୌରୀ ଚରଣ ଦାଶ, ସର୍ବେଶ୍ୱର ନନ୍ଦ, ବୈଦ୍ୟନାଥ ଆଚାର୍ଯ୍ୟ ପ୍ରମୁଖ ପଣ୍ଡିତମାନେ ଯୋଗଦେଇଥିଲେ।

## ବାବା ବାମନେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ, ଖଇରା ଚାମ୍ପିୟନ

**ଖଇରା, ୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ସାଲୋ ଗ୍ରାମର ହଳଦୀଢିଅ ପଡିଆରେ ଚାଲିଥିବା ବାବା ବାମନେଶ୍ୱର ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ରବିବାର ରାତିରେ ଶେଷ ହୋଇଛି। ବିଶ୍ୱଜିତ୍ ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲରେ ଖଇରା ୟୁଥ କ୍ଲବ ଅନ୍ତରାର ମା' ମଙ୍ଗଳା କ୍ରିକେଟ ଟିମ୍‌କୁ ସୁପରଓଭରରେ ହରାଇ ଚଳିତବର୍ଷର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ଅନ୍ତରା ୪ ଓଭରରେ ୩୯ରନ ସଂଗ୍ରହ କରିଥିଲା। ଖଇରା ମଧ୍ୟ ୩୯ ରନ କରି ମ୍ୟାଚକୁ ସମାନ ସ୍ଥିତିରେ ରଖିଥିଲା। ସୁପରଓଭରରେ ଖଇରା ବିଜୟଲାଭ କରିଥିଲା । ପର୍ଶୁରାମ ସେଠୀ ଓ ପ୍ରଶାନ୍ତ ଜେନା ମ୍ୟାଚ ପରିଚାଳନା କରିଥିଲେ। ବିଜେଡି ନେତା ତଥା ସରପଞ୍ଚ ପ୍ରତିନିଧି ମୋହନ ତିଆଡି ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରଦୀପ ତିଆଡି ସ୍କୋର ଦାୟିତ୍ୱ ଓ ରତ୍ନାକର ତିଆଡି ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ସୁଜୟ ବିଶ୍ୱାଳ, କମଳା ନାୟକ, ସୁଶାନ୍ତ ମହାରଣାଙ୍କ ସମେତ ବାବା ବାମନେଶ୍ୱର କ୍ରିକେଟ କମିଟିର ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ସେମିରେ କାଦୁଆଣୀ ଗୋପୀନାଥପୁର, ଚଲଣାପାଳ ଗୋପାଳପୁର

**ନୀଳଗିରି/ସଜନାଗଡ଼, ୯।୨(ଡି.ଏନ.ଏ.)**



ଫୁଟବଲ୍ ଟୁର୍ନାମେଣ୍ଟରେ ଅତିଥିଗଣ।

ବାଲେଶ୍ୱର ଜିଲା ନୀଳଗିରି ଥାନା ପଡ଼ିଆରେ ୧୬ଟି ଟିମ୍‌କୁ ନେଇ ଏକ ତିନିଦିନିଆ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଜେଡି ଜିଲା ଯୁବ ସଭାପତି ତାପସ କୁମାର ପରିଡ଼ା ଆୟୋଜନ କରିଛନ୍ତି। ମୁଖ୍ୟଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ରାଜୀବ ସାହୁ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଖେଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା ଶାରୀରିକ ପ୍ରଶିକ୍ଷଣ ଅଧିକାରୀ ଅଶୋକ ନାୟକ, ଲୋକନାଥ ଦଳେଇ ପ୍ରତୀକ୍ଷା ସିଂ, ବିସ୍ମୟ ମଲିକ, ବିଜୟ ପ୍ରଧାନ, ରଶ୍ମିରଞ୍ଜନ ରାଉତ, ମନୋରଞ୍ଜନ ଦାସବାବୁ, କପିଳ ସାମଲ, ଦେବେନ୍ଦ୍ର ଦାସ, ଭବାନୀ ପଣ୍ଡା, ମାନସ ପରିଡ଼ା, ବିଶ୍ୱରଞ୍ଜନ ମହାନ୍ତି, ମଦନ ନାଥ ଯୋଗଦେଇଥିଲେ। ପ୍ରଥମ ଦିନରେ ୮ଟି ଟିମ୍‌କୁ ନେଇ ପ୍ରତିଯୋଗିତା ହୋଇଥିଲା। ଏହି ଟିମ୍ ମଧ୍ୟରୁ କାଦୁଆଣୀ ଗୋପୀନାଥପୁର ଓ ଚଲଣାପାଳ ଗୋପାଳପୁର ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବୁଧବାର ଆଉ ୮ଟି ଟିମ୍‌କୁନେଇ ମ୍ୟାଚ୍ ଅନୁଷ୍ଠିତ ହେବ। ସେଥିରୁ ଦୁଇ ବିଜେତା ଦଳ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହେବେ। ଗୁରୁବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରି ଧାରଣା

**ବାଲିଆପାଳ, ୯।୨(ସ୍ୱ.ପ୍ର.)**

ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା କାଳନ୍ଦା ପ୍ରାଥମିକ ବିଦ୍ୟାଳୟକୁ ଇଟାପଟୁଆ ଉ.ପ୍ରା. ସ୍କୁଲ ସହିତ ମିଶ୍ରଣକୁ କାଳନ୍ଦା ଗ୍ରାମର ଶତାଧିକ ମହିଳାପୁରୁଷ ବିରୋଧ କରି ମଙ୍ଗଳବାର ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ ସମର୍ଥନ କରୁଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ଥିବା ବେଳେ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ପୁନର୍ବିଚାର କରିବାକୁ ଗ୍ରାମବାସୀ ବାଲିଆପାଳ ଅତିରିକ୍ତ ଶିକ୍ଷା ଅଧିକାରୀ ଦୁଃଖୀଶ୍ୟାମ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରମଥ କୁମାର ଦତ୍ତ, ସଞ୍ଜୟ କୁମାର ଚାନ୍ଦ, ଜୟନ୍ତୀ ନାୟକ, ଦୀପାଞ୍ଜଳୀ ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ଦତ୍ତଙ୍କ ସମେତ ଶତାଧିକ ମହିଳା ପୁରୁଷ ଧାରଣାରେ ସାମିଲ ଥିଲେ।

## ଚୋରା କାଠ ଗାଡ଼ି ଜବତ, ୩ ଗିରଫ

**ସଜନାଗଡ଼, ୯।୨(ଡି.ଏନ.ଏ.)**

ନୀଳଗିରି ଏସଡିପିଓ ରୀତେଶ କୁମାର ମହାପାତ୍ର ଖବର ପାଇ ରବିବାର ରାତିରେ ନୀଳଗିରି ବଜାରରୁ ଏକ କାଠ ବୋଝେଇ ପିକଅପ୍‌କୁ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି ନୀଳଗିରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ନୀଳଗିରି ବନବିଭାଗ ଅଧିକାରୀ ମନୱାର ଖାଁ ଜବତ ପିକ୍‌ଅପକୁ କାର୍ଯ୍ୟାଳୟକୁ ଆଣିଥିବା ବେଳେ ମାମଲା (ନଂ. ୩୯/୨୧) ରୁଜୁ କରି ୩ଜଣଙ୍କୁ କୋର୍ଟଚାଲାଣ କରିଛନ୍ତି। ପିକ୍‌ଅପ ଗାଡ଼ି (ନଂ. ଓଆର-୦୧-୩୩୬୦)ରେ ୫୭ ସିଫ୍ଟ ଦୁଦୁରା କାଠ ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୧୦ହଜାର ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

# ସଡ଼କ ସୁରକ୍ଷା ସଚେତନତା




ସଚେତନତା ସଭାରେ ଉପସ୍ଥିତ ଅତିଥିମାନେ ।

**ଭଦ୍ରକ ଅଫିସ,୯।୨**

ଜିଲା ସଡ଼କ ସୁରକ୍ଷା ସମିତି ଆନୁକୂଲ୍ୟରେ ରୋଟାରୀ କ୍ଲବ୍ ମିଡଟାଉନ ଓ ବିନାୟକ ଡିଗ୍ରୀ କଲେଜ ପକ୍ଷରୁ ମଙ୍ଗଳବାର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ଏକ ସଚେତନତା ସଭା ଆରଡ଼ିଛକ ସ୍ଥିତ ସାଇ ବିନାୟକ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ ଅତିଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ସନତ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନର ବିଭିନ୍ନ ସଚେତନତା ଦିଗ ଉପରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟଅତିଥି ମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ରୋଟାରିଆନ ପ୍ରୀତିରଞ୍ଜନ ଜେନା, ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ, ଯୁକ୍ତ ୨ ଅଧ୍ୟକ୍ଷ ପ୍ରଭାତ ପ୍ରଭାକର ପାଢ଼ୀ, ବିନାୟକ କଲେଜର ନିର୍ଦ୍ଦେଶକ ମନୋଜ ପାଢ଼ୀ, ରୋଟାରୀ ମିଡ ଟାଉନର ସଭାପତି ଅମିତ ମଲ୍ଲିକ, ରତନଲାଲ ଗୁପ୍ତା, ଅଶୋକ ଲାଖାନି ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସଚେତନତା କ୍ଷେତ୍ରରେ ଯୁବତୀ ଯୁବକମାନଙ୍କ ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ରୋଟାରିଆନ ଚୈତାଳୀ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

## ଛେଳି, କୁକୁଡ଼ା ଚାଷ ତାଲିମ ଶିବିର

**ସଜନାଗଡ଼, ୯।୨(ଡି.ଏନ.ଏ.)**

ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ଶାଳବଣି ଗାଁରେ ଜନଜାତିଙ୍କ ନିମନ୍ତେ ୧୦ଦିନିଆ ଛେଳି ଓ କୁକୁଡ଼ା ଚାଷ ତାଲିମ ଶିବିର ଶେଷ ହୋଇଛି। ଆର୍ଥିକ ଅନଗ୍ରସର କ୍ଷତିଗ୍ରସ୍ତ ଆଦିବାସୀ ମହିଳା ଓ ପୁରୁଷଙ୍କୁ ସ୍ୱାବଲମ୍ବୀ ନିମନ୍ତେ 'ବଣ ଧୂଳିର ଫୁଲ' ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ 'ଗୁଞ୍ଜ' ଓ 'ଇଉ୍‌କୋ' ସଙ୍ଗଠନ ପକ୍ଷରୁ ସହାୟତା କରାଯାଇଥିଲା। ସଙ୍ଗଠନ ପ୍ରତିଷ୍ଠାତା ସଦସ୍ୟ ତଥା ସଭାପତି ବିଜୟ ଆଚାର୍ଯ୍ୟଙ୍କ ଅନୁରୋଧକ୍ରମେ ବାଲେଶ୍ୱର ୟୁକୋ ବ୍ୟାଙ୍କର ସ୍ୱତନ୍ତ୍ର ବିଭାଗ ୟୁକୋ ସେଲ୍ଫ ଏମ୍ପ୍ଲୋୟମେଣ୍ଟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ସହାୟତାରେ ଏହି ଶିବିରରେ ୧୮ରୁ ୪୫ ବର୍ଷର ୩୩ଜଣ ମହିଳା ଓ ପୁରୁଷଙ୍କୁ ତାଲିମ ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଦିବସରେ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା ଯୋଗଦେଇଥିଲେ। ସେହିପରି ଅତିଥିଙ୍କ ଦ୍ୱାରା ତାଲିମପ୍ରାପ୍ତ ମହିଳାପୁରୁଷଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

# ଉପାନ୍ତରେ ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲ ନିର୍ମାଣ ଦାବି



ଖବରଦାତା ସମ୍ମିଳନୀରେ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା।

**ଜଳେଶ୍ୱର, ୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ସହର ମଧ୍ୟ ଦେଇ ଯାଇଥିବା ୬୦ ନଂ. ଜାତୀୟ ରାଜପଥ ଓ ୫୭ ନଂ. ରାଜ୍ୟ ରାଜପଥରେ ପ୍ରତ୍ୟହ ବହୁ ଆନ୍ତଃରାଜ୍ୟ, ଆନ୍ତଃ ଜିଲା ବସ୍ ଚଳପ୍ରଚଳ କରିଥାଏ । ପଶ୍ଚିମବଙ୍ଗର କାନ୍ଥି, ଏଗ୍ରା, ଦୀଘା, ଖଡ଼ଗପୁର, ହଳଦିଆ, ଭୁବନେଶ୍ୱର, ପୁରୀ, କଟକ, ଚନ୍ଦନେଶ୍ୱର, ବାଲିଆପାଳ, ରାଇବଣିଆ, ବାରିପଦା, କେନ୍ଦୁଝର, ବାଲେଶ୍ୱର, ଚାନ୍ଦବାଲି, ବଳରାମଗଡ଼ି, ରାସଗୋବିନ୍ଦପୁର ଆଦି ସ୍ଥାନକୁ ଘରୋଇ ବସ୍‌ସେବା ଯୋଗାଇ ଦିଆଯାଇଥାଏ। ବିଭିନ୍ନ ସମୟରେ ଆନ୍ତଃରାଜ୍ୟ ବସ୍ ଚଳାଚଳ ଓ ସମସ୍ୟା ସମାଧାନ ଲାଗି ଜଳେଶ୍ୱର ଘରୋଇ ବସ୍‌ମାଲିକ ସଂଘ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ହେଲେ ଏଠାରେ ବସ୍‌ଷ୍ଟାଣ୍ଡ ନ ଥିବାରୁ ରାସ୍ତାକଡରେ ବସ୍‌ଗୁଡିକ ଛିଡା ହେବାକୁ ପଡୁଛି। ତେଣୁ ତେଗଡ଼ିଆ ମୌଜାରେ ନୂତନ ଭାବେ ନିର୍ମିତ ଜଳେଶ୍ୱର କୋର୍ଟର ଅପରପାର୍ଶ୍ୱରେ ଥିବା ପରିତ୍ୟକ୍ତ ୟୁନିଫାଏଡ୍ ଚେକ୍‌ଗେଟଠାରେ ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲ ନିର୍ମାଣ କରାଯିବାକୁ ସୋମବାର ଜଳେଶ୍ୱର ନବନିର୍ବାଚିତ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏହି ସମ୍ମିଳନୀରେ ସଭାପତି ପ୍ରଦୀପ କୁମାର ପ୍ରଧାନ, ସମ୍ପାଦକ ସୁବୋଧ କୁମାର ଭୂୟାଁ, ଉପସଭାପତି ପ୍ରବୋଧ କୁମାର ଭୂୟାଁ, ସହ ସମ୍ପାଦକ ବିଶ୍ୱଜିତ୍ ପ୍ରଧାନ, କୋଷାଧ୍ୟକ୍ଷ ଉଜ୍ଜଳ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାବ୍ୟତୀତ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାର ନୂଆବଜାର ରେଳଫାଟକ ନିକଟରେ ଏକ ଅଣ୍ଡରପାସ୍ ନିର୍ମାଣ କରିବା ଲାଗି ସେମାନେ ଦାବି କରିଛନ୍ତି।

## ଧରାପଡ଼ିଲେ ୨ ଲୁଟେରା

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ପୋଲିସ ମଙ୍ଗଳବାର ଚଢ଼ାଉ କରି ଦୁଇ ଲୁଟେରାଙ୍କୁ ଗିରଫ କରିବା ସହ ଟଙ୍କା, ମୋଟର ସାଇକେଲ ଓ ମୋବାଇଲ ଫୋନ ଜବତ କରିଛି। ଲୁଟେରା ଦ୍ୱୟ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ମରାଠୀ ସାହିର ବାଲକିର୍ଷ୍ଣ ପ୍ରଧାନ ଓ ଗନ୍ତ ଶ୍ରୀହରୀ। ସେମାନଙ୍କ ନିକଟରୁ ୪୦ହଜାର ୫ଶହ ଟଙ୍କା, ୫ଟି ମୋବାଇଲ ଫୋନ, ଏକ ମାଷ୍ଟର ଚାବିକାଠି, ଏକ ହୋଣ୍ଡା ମୋଟର ସାଇକେଲ ଓ ୪ଟି ସିମ୍ କାର୍ଡ ଜବତ ହୋଇଛି।

## ଆଜି କ'ଣ କେଉଁଠି

**ମୟୂରଭଞ୍ଜ**

- ଅନଶନରତ ଖବରଦାତାଙ୍କୁ ପୋଲିସ ବଳପୂର୍ବକ ଉଠାଇ ନେବା ପ୍ରତିବାଦରେ ଗଣମାଧ୍ୟମ ପ୍ରତିନିଧିଙ୍କ ଧାରଣା, ସ୍ଥାନ- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ନେସ୍କୋ ପାୱାର ଏମ୍ପ୍ଲୋଇଜ୍ ୟୁନିୟନ ରାଇରଙ୍ଗପୁର ଡିଭିଜନର ବାର୍ଷିକ ସାଧାରଣ ପରିଷଦ ବୈଠକ, ସ୍ଥାନ- ରାଇରଙ୍ଗପୁର ନେସ୍କୋ ଡିଭିଜନ କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

**ଭଦ୍ରକ**

- ବଜରଙ୍ଗବାଲି ଯୁବ ପରିଷଦର ଅଷ୍ଟମ ବାର୍ଷିକୋତ୍ସବ, ସ୍ଥାନ- ଇଚ୍ଛାପୁର, ଅସୁରାଳି, ସମୟ: ଅପରାହ୍ନ ୪ ଟା।

**କେନ୍ଦୁଝର**

- ସର୍ବଭାରତୀୟ ମା' ବାସୁଳୀ କପ୍ କ୍ରିକେଟ୍: ଚରମ୍ପା ଏକାଡେମୀ ଭଦ୍ରକ-ସୋଲାର କ୍ଲବ କଟକ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ, ସ୍ଥାନ-ହାଟଡିହୀ, ମଠ କପୁଣ୍ଡି ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

**ବାଲେଶ୍ୱର**

- କ୍ୟାନ୍ସର ସଚେତନତା ଓ ନିରୂପଣ ଶିବିର। ସ୍ଥାନ: ବାଲେଶ୍ୱର କୃଷ୍ଣ ପ୍ରସାଦ ଶିକ୍ଷାକେନ୍ଦ୍ର। ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା।

# ନାଗାର୍ଜୁନଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି ପରିବାର

ଭଦ୍ରକ ଅଫିସ, ୯।୨

ଉତ୍ତରାଖଣ୍ଡରେ ହିମସ୍ଖଳନ ଯୋଗୁ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅନ୍ତର୍ଗତ ଯଶିପୁର ପଞ୍ଚାୟତ କୁଦକାଣ୍ଠି ଗ୍ରାମର ରବୀନ୍ଦ୍ର ଦାସଙ୍କ ପୁଅ ନାଗାର୍ଜୁନ ନିଖୋଜ ଥିବା ସୂଚନା ମିଳିଛି। ଏନେଇ ପରିବାର ଲୋକେ ନାନା ଆଶା ଆଶଙ୍କାରେ ଦିନ କାଟୁଛନ୍ତି। ମା',ବାପା, ସ୍ତ୍ରୀ, ଆତ୍ମୀୟସ୍ୱଜନ ଏବଂ ଗ୍ରାମବାସୀ ତାଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ଅଞ୍ଚଳବାସୀ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଛନ୍ତି।

ଉତ୍ତରାଖଣ୍ଡରେ ଥିବା ଋଷୀଗଙ୍ଗା ପାୱାର ପ୍ରକଳ୍ପରେ ଅଧୀନ ତପୋବନରେଣୀ ବ୍ୟାରେଜରେ ସେ ଇଲେକ୍ଟ୍ରିସିଆନ ଭାବେ କାର୍ଯ୍ୟ କରୁଥିଲେ। ରବିବାର ହୋଇଥିବା ହିମସ୍ଖଳନରେ ଶତାଧିକ ଶ୍ରମିକ ନିଖୋଜ ଥିବା ବେଳେ ନାଗାର୍ଜୁନଙ୍କ ପତ୍ତା ମିଳୁ


ଦୁଃଖରେ ମ୍ରିୟମାଣ ଆତ୍ମୀୟସ୍ୱଜନ।

ନ ଥିବା କଥା ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ନାଗାର୍ଜୁନଙ୍କ ସ୍ତ୍ରୀ ଲିପିସ୍ମିତା ଫୋନ ଯୋଗେ ତପୋବନ ରେଣୀ ବ୍ୟାରେଜ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ନନ୍ଦାଦେବୀ ହିମଖଣ୍ଡର ସ୍ଖଳନ ଯୋଗୁ ଅଳକାନନ୍ଦା ଓ ଧଉଳିଗଙ୍ଗା ନଦୀରେ ଆକସ୍ମିକ ବନ୍ୟା ଆସିବାରୁ ବହୁ ଶ୍ରମିକ ନିଖୋଜ ହୋଇଥିବା କଥା ବ୍ୟାରେଜ ଅଧିକାରୀ କହିଥିଲେ। ଉତ୍ତରାଖଣ୍ଡ ସରକାର ଜାରି କରିଥିବା ହେଲପ୍ ଲାଇନ ନମ୍ବରରେ ଯୋଗାଯୋଗ କରିବାରୁ ତାଙ୍କ ନିକଟରେ ଭାସିଯାଇଥିବା ଅଥବା ପ୍ରାଣ ହରାଇଥିବା ସମସ୍ତ ଶ୍ରମିକଙ୍କ ଖବର ନାହିଁ ଏବଂ ଖୁବ୍‌ଶୀଘ୍ର ସେମାନେ ସମସ୍ତ ଶ୍ରମିକଙ୍କୁ ଠାବ କଲାପରେ ସମ୍ପୃକ୍ତ ରାଜ୍ୟ

**ଉତ୍ତରାଖଣ୍ଡ ହିମସ୍ଖଳନ**


ନାଗାର୍ଜୁନ ଦାସ।

ସରକାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ ବୋଲି କହିଥିବା ନାଗାର୍ଜୁନଙ୍କ ପରିବାର ଲୋକେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ତଳେ ନାଗାର୍ଜୁନ ବିବାହ କରିଥିବା ବେଳେ ତାଙ୍କର ୩ ମାସର ଗୋଟିଏ ପୁଅ ଅଛି।

# ୨ ସମ୍ପାଦକ ନିଲମ୍ବନ ପରେ ବଢୁଛି ଅସନ୍ତୋଷ

ଖଇରା, ୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ମାଣିତ୍ରୀ ଓ ଗଡପୋଖରୀରେ ଧାନକିଣାରେ ଅନିୟମିତତା ଅଭିଯୋଗରେ ବାଲେଶ୍ୱରର ଅତିରିକ୍ତ ନିବନ୍ଧକ ୨ ସମ୍ପାଦକ ବିଭୂତି ଭୂଷଣ ରାଉତ ଓ ମାନସ କୁମାର ସାହୁଙ୍କୁ ପଦବୀରୁ ନିଲମ୍ବିତ କରିଛନ୍ତି । ଉକ୍ତ ୨ପଦବୀରେ ବିକଳ୍ପ ବ୍ୟବସ୍ଥା କରିବାକୁ ଭଦ୍ରକ ସହକାରୀ ନିବନ୍ଧକଙ୍କୁ ପତ୍ର ସଂଖ୍ୟା ୩୭୭ ତା୮/୦୨/୨୧ରେ ଜଣାଇ ଦିଆଯାଇଛି। ଅଳ୍ପ ଚାଷୀଙ୍କ ନିକଟରୁ ଏକାଧିକ ଟୋକନରେ ଧାନକିଣା ଯାଇଥିବାରୁ ବହୁ ଛୋଟ ଚାଷୀ ଏଥିରୁ ବଞ୍ଚିତ ରହିଛନ୍ତି। ଏଭଳି ଅନିୟମିତତା ପାଇଁ ସେମାନଙ୍କୁ ନିଲମ୍ବନ କରାଯାଇଥିବା କାରଣରେ ଉଲ୍ଲେଖ କରାଯାଇଛି। ଏଭଳି ଆକସ୍ମିକ ନିଲମ୍ବନ ପ୍ରତିବାଦରେ ୧୪ଟି ସମବାୟ ସମିତି ସମ୍ପାଦକ ଓ ଶହ ଶହ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସମସ୍ତ ସମ୍ପାଦକଙ୍କ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସେମାନେ ଏଭଳି ନିଲମ୍ବନକୁ ବେଆଇନ ଦର୍ଶାଇ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଧମକ ଦେବା ସହ ଖୁବ୍‌ଶୀଘ୍ର ଅଦାଲତର ଆଶ୍ରୟ ନେବେ ବୋଲି ଜଣାଯାଇଛି । ସେମାନଙ୍କର ଅଭିଯୋଗ ମୁତାବକ ଟୋକନ ଇସ୍ୟୁ ସରକାରୀ ସ୍ତରରେ ଅଧିକାରୀଙ୍କ ଦ୍ୱାରା କରାଯାଉଛି । ଜଣେ ଚାଷୀଙ୍କର ଅନଲାଇନ ଧାନ କିଣିବାକୁ ସମୟ ବ୍ୟବଧାନରେ ଟୋକନ ଇସ୍ୟୁ କରାଯିବା ପରିବର୍ତ୍ତେ ଏକସଙ୍ଗରେ ପ୍ରଦାନ କରାଯାଉଛି । ଚାଷୀ ମୋବାଇଲରେ ମେସେଜ ପାଇବା ମାତ୍ରେ ସମିତିକୁ ଧାନ ଆଣି କିଣିବାକୁ ବାଧ୍ୟ କରୁଛନ୍ତି । ଏଥିରେ ସମ୍ପାଦକଙ୍କ କେଉଁଠି ତ୍ରୁଟି ରହିଲା ବୋଲି ସଂଘ ତରଫରୁ କୁହାଯାଇଛି । ସେହିଭଳି ଧାନକିଣା ବନ୍ଦ ହେଲେ ଚାଷୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବାର ସମ୍ଭାବନା ଥିବାରୁ ଯୋଗାଣ ବିଭାଗ ଦେଖିଚାହିଁ ନିଷ୍ପତ୍ତି ନେବା ଦରକାର ବୋଲି ବହୁ ଚାଷୀ କହିଛନ୍ତି ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଖୋଲିଲା ବୈଦେଶିକ ବ୍ୟାପାର କାର୍ଯ୍ୟାଳୟ



କୁଳପତିଙ୍କ ଦ୍ୱାରା ବୈଦେଶିକ ବ୍ୟାପାର କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି।

ବାଲେଶ୍ୱର ଅଫିସ, ୯।୨

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ (ଏଫଏମ୍) ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ବୈଦେଶିକ ବ୍ୟାପାର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। କୁଳପତି ପ୍ରଫେସର ଦୀନବନ୍ଧୁ ସାହୁ ଏହାକୁ ଉଦ୍‌ଘାଟନ କରି ସାମ୍ପ୍ରତିକ ସମୟରେ ଶିକ୍ଷା ଭବିଷ୍ୟତର ମାନଦଣ୍ଡ ଏବଂ ଏହା ଆଞ୍ଚଳିକତାର ସୀମା ଭିତରେ ଆବଦ୍ଧ ହୋଇ ଆଉ ରହିନାହିଁ। ଏହା ବିଶ୍ୱାୟିତ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଶିକ୍ଷକ ଓ ବିଦ୍ୟାର୍ଥୀମାନେ ଆନ୍ତର୍ଜାତିକ ସ୍ତରରେ ଜ୍ଞାନବିଜ୍ଞାନର ଆଦାନ ପ୍ରଦାନ କରିବାର ସୁଯୋଗ ପାଇପାରିବେ ବୋଲି ମତ ରଖିଥିଲେ।

ଏହି କାର୍ଯ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବହିରାଗତ ବିଦ୍ୟାର୍ଥୀଙ୍କର ନାମଲେଖା ପ୍ରକ୍ରିୟା ସମ୍ପର୍କିତ ତଥ୍ୟ ଓ ସୂଚନା ବିତରଣ କରିବା। ବିଶ୍ୱବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟକଳାପକୁ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିବା। ଅନ୍ତର୍ଜାତୀୟ ଅନୁଷ୍ଠାନଗୁଡିକ ସହିତ ସହବନ୍ଧନ ପ୍ରତିଷ୍ଠା କରିବାର ପ୍ରୟାସ। ଦେଶ ବିଦେଶର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଏକ ଯୋଗାଯୋଗ ମାଧ୍ୟମ ପ୍ରତିଷ୍ଠା କରାଯିବ। ନୂତନ ସାଂସ୍କୃତିକ ପରିବେଶରେ ସେମାନଙ୍କର ସହଜ ଚଳଣିକୁ ଗୁରୁତ୍ୱ ଦେଇ ସେମାନଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବ। ଫୁଲ ବ୍ରାଇଟ ସ୍କଲାରଶିପ, ଫୋର୍ଡ଼ ଫାଉଣ୍ଡେଶନ, ଡିଏଏଡି, ହମ୍ବୋଲ୍ଡ ସ୍କଲାରଶିପ ପରି ବୈଦେଶିକ ଅନୁଦାନଗୁଡିକ ସହିତ ବିଦ୍ୟାର୍ଥୀମାନଙ୍କୁ ପରିଚିତ କରାଇବା ବୋଲି ଜଣାପଡ଼ିଛି। ଶିକ୍ଷକ ଓ ବିଦ୍ୟାର୍ଥୀମାନେ ଏହିପରି ବିକାଶମୁଖୀ ପଦକ୍ଷେପ ଗ୍ରହଣକୁ ସ୍ୱାଗତ କରିବା ସହିତ ଉତ୍ସାହିତ ହୋଇଥିଲେ।

## ବିଜେଡିର ନିର୍ବାଚନୀ ସଭା

ବାସୁଦେବପୁର, ୯।୨(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବିଦେଇପୁର ସରପଞ୍ଚ ପଦବୀ ପାଇଁ ଚଳିତ ମାସ ୧୧ ତାରିଖରେ ଉପନିର୍ବାଚନ ହେବାକୁ ଥିବା ବେଳେ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ବିଦେଇପୁରଠାରେ ବିଜେଡ଼ି ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଛି। ଏହି ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗ ଦେଇ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ଶାନ୍ତିଲତା ଜେନାଙ୍କ ସପକ୍ଷରେ ଭୋଟ ପ୍ରଚାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ବାଲିମେଦ ସରପଞ୍ଚ ପ୍ରଫୁଲ୍ଲ ପଳିତା, ଯୁବ ବିଜେଡ଼ି ବ୍ଲକ ସଭାପତି ଜଗବନ୍ଧୁ ଖିଲାର, ନଗର ସଭାପତି ମାନସ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ରାଉତ, ଆରୁହା ସରପଞ୍ଚ ରାଜେନ୍ଦ୍ର ସାହୁ, ପୂର୍ବତନ କାଉନସିଲର ଜୟନ୍ତୀ ବାରିକ, ବାଲେଶ୍ୱର ଜିଲା ୪୫ ନଂ ଜୋନର ଜିଲା ପରିଷଦ ସଭ୍ୟା ନୀରଦ ପ୍ରଭା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ ସଭାପତିତ୍ୱ କରିଥିଲେ।

# ଚିତ୍ରଡ଼ା କଲେଜରେ ଛାତ୍ର ଅଶାନ୍ତି


ବିକ୍ଷୋଭରେ ସାମିଲ ଛାତ୍ରୀଛାତ୍ର।

ଚିତ୍ରଡ଼ା,୯।୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା କଲେଜରେ ମଙ୍ଗଳବାର ଛାତ୍ର ଅଶାନ୍ତି ଦେଖିବାକୁ ମିଳିଥିଲା। ଅଧ୍ୟୟନରତ ଯୁକ୍ତ ୨ ଏବଂ ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ରମାନେ ଆଡ୍‌ମିଶନ ସମୟରେ ଡିଏସ୍‌ଏ ବିଭାଗ ବାବଦକୁ କିଛି ଟଙ୍କା ପ୍ରଦାନ କରିଥାନ୍ତି। ସେହି ବିଭାଗର ଟଙ୍କାରେ ପ୍ରତ୍ୟେକ ବର୍ଷ ଗଣେଶ ଏବଂ ସରସ୍ୱତୀ ପୂଜା ପାଳନ କରାଯାଏ। ମାତ୍ର ଗତବର୍ଷ କୋଭିଡ୍ କଟକଣା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମ, ପୂଜା, ନାଟ୍ୟ ସଂସଦ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ା ପ୍ରତିଯୋଗିତା ଆଦି ହୋଇ ପାରି ନ ଥିଲା। ଯାହାଫଳରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଚଳିତ ବର୍ଷ କଲେଜ ଖୋଲା ଯାଇଥିବାରୁ ସରସ୍ୱତୀ ପୂଜା ପାଳନ ପାଇଁ ଛାତ୍ରୀଛାତ୍ରମାନେ ଅଡ଼ି ବସି କଲେଜ ଫାଟକ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଉପ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମୋରଡ଼ା ତହସିଲଦାର ଅନନ୍ତ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି କଲେଜ ଅଧ୍ୟକ୍ଷ ପ୍ରିୟବ୍ରତ ମିଶ୍ର ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ସଂକ୍ଷେପରେ

### ୩ ଚୋରା ମଦ ବେପାରୀ ଗିରଫ

ପାଟଣା,୯।୨(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅବକାରୀ ବିଭାଗ ଚଢ଼ାଉ କରି ୨୧ ଲିଟର ମହୁଲି ମଦ ଜବତ କରିବା ସହ ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପାଟଣା ଥାନା ଭିମାପଡା ଗ୍ରାମର ଅଭିରାମ ମହାନ୍ତ, ଭୃଙ୍ଗରାଜପଶି ଗ୍ରାମର ଚନ୍ଦ୍ର ଶେଖର ନାଏକ ଓ ତୁରୁମୁଙ୍ଗାର ଗୋଲକ ବିହାରୀ ସାହୁ। କେନ୍ଦୁଝର ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ପାଟଣା ଅବକାରୀ ଅଧିକାରୀ ଦିଲୀପ କୁମାର ତାଣ୍ଡି ଓ ଅବକାରୀ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ଅଟୋ ଓଲଟି ମହିଳାଙ୍କ ମୃତ୍ୟୁ

ରାଇରଙ୍ଗପୁର,୯।୨(ଡି.ଏନ.ଏ): ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଶୁଣ୍ଠଳ ଗ୍ରାମ ନିକଟସ୍ଥ ରାଇରଙ୍ଗପୁର- ଗୋରୁ ମହିଷାଣୀ ରାସ୍ତାରେ ସୋମବାର ଅପରାହ୍ନରେ ଏକ ଅଟୋ ଓଲଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ମହିଳା ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ମହିଳା ହେଲେ ରାଇରଙ୍ଗପୁର ସହରାଞ୍ଚଳ କୁଚେଇବୁଡ଼ି ବସ୍ତି ଅଞ୍ଚଳର ପାର୍ବତୀ ଲୋହରା। ସେ ଅଙ୍ଗନୱାଡ଼ି ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୧/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ପାଟଣା,୯।୨(ସ୍ୱ.ପ୍ର.):କେନ୍ଦୁଝର ଜିଲା ପାଟଣା ବ୍ଲକ ସଭାଗୃହରେ ମଙ୍ଗଳବାର ପାଟଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପାଟଣା ନିର୍ବାଚନ ମଣ୍ଡଳୀର ୪ ବ୍ଲକ ପାଟଣା, ସାହାରପଡା, ଚମ୍ପୁଆ ଓ ଝୁମ୍ପୁରା ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ହୋଇଥିଲା। ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ପଦାଧିକାରୀଙ୍କ ସହ ୪ଟି ବ୍ଲକର ବିଭିନ୍ନ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ବୈଠକରେ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରମ୍ଭାବତୀ ଦେହୁରୀ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ନାଏକ, ଅତିରିକ୍ତ ଜିଲା ପାଳ ସନ୍ତୋଷ କୁମାର ନାୟକ, ଜିଲା ଚିକିତ୍ସା ଅଧିକାରୀ ଡ.ଅଶୋକ କୁମାର ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚରଣ ମାଝୀ, ଜିଲା ଶିକ୍ଷାଅଧିକାରୀ ସଂଗ୍ରାମସାହୁ, ଡିପିସି ପୂର୍ଣ୍ଣ ଚନ୍ଦ୍ର ସେଠୀ, ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ, ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାଏକ, ପାଟଣା ତହସିଲଦାର ଶିବପ୍ରଶାଦ ମୁର୍ମୁ ଓ ସାହାରପଡା ତହସିଲଦାର ଲମ୍ବୋଦର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

# ଧାରଣାରେ ବସିଲେ ବାସନ୍ଦ ପରିବାର

ଭଦ୍ରକ ଅଫିସ,୯।୨

ମାନସିକ ଓ ଆର୍ଥିକ ନିର୍ଯାତନାର ଶିକାର ହୋଇଥିବା ତିହିଡ଼ି ବ୍ଲକ ବାରସର ପଞ୍ଚାୟତ ତିଆଡ଼ିସାହି ଗ୍ରାମର ବାସନ୍ଦ ପରିବାରରର ସଦସ୍ୟମାନେ ମଙ୍ଗଳବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗ୍ରାମରୁ ବେଆଇନ ବାସନ୍ଦ ପ୍ରଥା ଉଚ୍ଛେଦ, ଏହି ପ୍ରଥାକୁ ପ୍ରୋତ୍ସାହନ ଦେଉଥିବା ଗ୍ରାମର ମୁଖିଆଙ୍କୁ ଗିରଫ କରିବା, ଗତ ରିଲିଫ ପରିଚାଳନା ବେଳେ ମୃତବ୍ୟକ୍ତିଙ୍କ ନାମରେ ନ କଲି ଦସ୍ତଖତ କରି ରିଲିଫ ସାମଗ୍ରୀ ଉଠାଣ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ, ଗ୍ରାମ ଲୋକଙ୍କ ଠାରୁ ବେଆଇନ ଭାବେ ୧୦ ହଜାର ଟଙ୍କା ଜରିମାନା ଆଦାୟ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାସନ୍ଦ ପରିବାର ଧାରଣାରେ ବସିଛନ୍ତି।

ବନ୍ଦ କରିବା ଓ ଜରିମାନା ନ ଦେଲେ ସେମାନଙ୍କୁ ଦିଆଯାଉଥିବା ନିର୍ଯାତନାର ସେମାନେ ପ୍ରତିବାଦ କରି ଏହି ଧାରଣା ଦେଇଥିଲେ। ରିଲିଫ ପରିଚାଳନାରେ ଅନିୟମିତତା ଘଟଣା ପ୍ରସଙ୍ଗରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିବାରୁ ଏସମସ୍ତ ପରିବାରଙ୍କୁ ଏପରି ଦଶା ଭୋଗିବାକୁ ପଡୁଛି ବୋଲି ସସ୍ମିତା ମଲିକ, ପ୍ରମିଳା ଦାସ, ଆବାସୀ ଦାସ, ସେଶବ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ସୁଦ୍ଧା ସେମାନେ ଧାରଣାରେ ବସିଥିବା ଜଣାପଡ଼ିଛି।

## କୁନ୍ତଳାକୁମାରୀଙ୍କ ନିର୍ବାଚିତ କବିତା ଶତକ' ଲୋକାର୍ପିତ

ବାଲେଶ୍ୱର ଅଫିସ,୯।୨

ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଶାନ୍ତିକାନନ ପରିସରରେ କୁନ୍ତଳା କୁମାରୀଙ୍କର ୧୨୧ତମ ଜନ୍ମଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଅରୁଣା ରାୟଙ୍କ ସଙ୍କଳିତ 'କୁନ୍ତଳା କୁମାରୀଙ୍କ ନିର୍ବାଚିତ କବିତା ଶତକ' ଗ୍ରନ୍ଥ ଲୋକାର୍ପିତ ହୋଇଯାଇଛି। ପ୍ରାଧ୍ୟାପକ ଚଣ୍ଡୀଚରଣ କର ଗ୍ରନ୍ଥକୁ ଲୋକାର୍ପଣ କରି କୁନ୍ତଳାକୁମାରୀଙ୍କ କବିତାଗୁଡ଼ିକର ଲାଳିତ୍ୟପୂର୍ଣ୍ଣ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡ.ପ୍ରହ୍ଲାଦ ଚରଣ ମହାନ୍ତି, ମୁଖ୍ୟବକ୍ତା ଭାବେ କୁନ୍ତଳାକୁମାରୀ ସାବତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ରାଧାଗୋବିନ୍ଦ କୁଇଲା ଯୋଗଦେଇଥିଲେ।

# ଦୁର୍ଘଟଣାରେ ଜୀବନ ଗଲା

## ପୁଅ ବାହାଘର କାର୍ଡ ବାଣ୍ଟିବାକୁ ଆସୁଥିଲେ

ବାଲେଶ୍ୱର ଅଫିସ,୯।୨

ବାଲେଶ୍ୱର ସହର ଫକୀରମୋହନ ଗୋଲେଇରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ତେଲ ଟ୍ୟାଙ୍କର ବାଇକ୍ ପଛପଟୁ ପିଟିଦେବାରୁ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସିଂଲା ଥାନା ଅଧୀନ ସାନଓସ୍ତି ଗ୍ରାମର ହରିପଦ ଦାସ। ସେ ତାଙ୍କ ପୁଅ ବାହାଘର ଲାଗି କାର୍ଡ ବାଣ୍ଟିବାକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।

ହରିପଦ ଦାସ ଜିଲା ଯୋଗାଣ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ଆସନ୍ତା ୨୧ ତାରିଖରେ ତାଙ୍କ ପୁଅ ବାହାଘର ସ୍ଥିର ହୋଇଥିଲା। ହରିପଦ ନିମନ୍ତ୍ରଣ ପତ୍ର ଧରି ସହରରେ ପରିଜନମାନଙ୍କୁ ବାଣ୍ଟୁଥିବା ବେଳେ ଅପରାହ୍ନ ପ୍ରାୟ ୨ଟା ବେଳେ ଫକୀରମୋହନ ଗୋଲେଇ ଦେଇ ଯାଉଥିଲେ। ଏହି ସମୟରେ ଭାରତ ପେଟ୍ରୋଲିୟମ୍‌ର ଏକ ତେଲ ଟ୍ୟାଙ୍କର୍ (ନଂ. ଓଡ଼ି୦୧ଏର୍-୧୬୨୦) ପଛପଟୁ ଆସି ତାଙ୍କୁ ଧକ୍କା ଦେବା ସହ ଉପରେ ଚଢ଼ି ଯାଇଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋ ତାଙ୍କୁ ଉଦ୍ଧାର କରି ଏକ ଟେମ୍ପୁ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ପହଞ୍ଚି ଟ୍ୟାଙ୍କରଟିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି।

# ସରିଲା ପ୍ରଚାର, ୧୧ରେ ଭୋଟ

## ସାରସକଣା ଜିଲା ପରିଷଦ ଉପନିର୍ବାଚନ

ବାରିପଦା ଅଫିସ/ ସାରସକଣା,୯।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ୫୬ନଂ. ଜୋନ୍ ଜିଲା ପରିଷଦ ଜୋନ ପାଇଁ ଆସନ୍ତା ୧୧ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଏପରି ଘଡିସନ୍ଧି ମୁହୂର୍ତ୍ତରେ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱନାଥ ମହାନ୍ତଙ୍କୁ ସମର୍ଥନ କରୁଥିବା କୁଡ୍ମୀ ସେନାର ଗୋଟିଏ ଗୋଷ୍ଠୀ ବିଜେଡିକୁ ସମର୍ଥନ କରିବେ ବୋଲି ଜଣାପଡ଼ିଛି । ଏ ନେଇ ବିଜେଡି ପକ୍ଷରୁ ଝାରପୋଖରିଆରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ତଥା ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ପ୍ରକାଶ କରିଛନ୍ତି । ମାତ୍ର କୁଡ଼ମୀସେନାର ରାଜ୍ୟ ଅଧ୍ୟକ୍ଷ ଜୈମୁନି ମହାନ୍ତ କୁହନ୍ତି, କୁଡ୍ମୀ ସେନାର ମୁଖାପିନ୍ଧିଥିବା ନାମକୁ ମାତ୍ର କର୍ମକର୍ତ୍ତା ବିଜେଡିକୁ ସମର୍ଥନ କରିଛନ୍ତି । ସେମାନଙ୍କ ପାଇଁ ପ୍ରାର୍ଥୀଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏହି ଦୁଇ ପ୍ରାର୍ଥୀଙ୍କ ସମେତ ୫ଜଣ ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି।

ବିକାଶ କାର୍ଯ୍ୟକ୍ରମକୁ ପାଥେୟ କରି ଭୋଟରଙ୍କ ହୃଦୟ ଜିଣିବା ଲାଗି ଶାସକ ବିଜେଡି ପ୍ରୟାସ ଜାରି ରଖିଛି। ଏମ୍‌ପି ଇଂ.ବିଶ୍ୱେଶ୍ୱର ଟୁଡୁ ଓ ସାରସକଣା ବିଧାୟକ ଡ଼ା. ବୁଢ଼ାନ ମୁର୍ମୁ ଭାଜପାରୁ ନିର୍ବାଚିତ ହୋଇଥିବାରୁ ଏହି ଉପନିର୍ବାଚନ ଉଭୟଙ୍କ ପାଇଁ ସମ୍ମାନର ପ୍ରଶ୍ନ। ଜିଲାର ଅନ୍ୟ ୫ ଭାଜପା ବିଧାୟକ, ଜିଲାପରିଷଦ ଅଧ୍ୟକ୍ଷା ଓ ବରିଷ୍ଠ ନେତୃବୃନ୍ଦ ପ୍ରଚାରର ମଙ୍ଗ ଧରିଥିଲେ। ସେହିପରି ଜେଏମଏମ ପ୍ରାର୍ଥୀ ପ୍ରଦୀପ କୁମାର ମହାନ୍ତଙ୍କ ବିଜୟ ଲାଗି ଅଞ୍ଜନୀ ସୋରେନ, ପ୍ରହ୍ଲାଦ ପୂର୍ତ୍ତି, ଫାଗୁ ହାଁସଦା ଓ ପ୍ରଭୁଦାନ ମାରାଣ୍ଡି ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। କଂଗ୍ରେସ ପ୍ରାର୍ଥୀ ଚିତ୍ତ ବିକାଶ ମହାପାତ୍ରଙ୍କ ପାଇଁ ସୁଶୀଳା ତିରିଆ, ସରସ୍ୱତୀ ହେମ୍ବ୍ରମ, ସୁଦର୍ଶନ ଦାସ ଓ ହେମନ୍ତ ଦାସ ପ୍ରଚାରର ମଙ୍ଗ ସମ୍ଭାଳିଥିଲେ।

# ଅଦାଚାଷ କରିଛନ୍ତି ସ୍ୱାବଲମ୍ବୀ

- ଦେଇଛି ଭୂୟାଁ ଜନଜାତିଙ୍କୁ ରୋଜଗାର
- ନାହିଁ ବଜାର ସୁବିଧା
- ମିଳୁନି ସରକାରୀ ପ୍ରୋତ୍ସାହନ

କେନ୍ଦୁଝର,୯।୨ (ସ୍ୱ.ପ୍ର.)

ଦେଶୀ ଅଦାର ଚାହିଦା ସବୁଠି ରହିଛି। ଏହାର ଔଷଧୀୟ ଗୁଣ ମଧ୍ୟ ରହିଛି । ଚା'ଠାରୁ ଆରମ୍ଭ କରି ତରକାରୀ, ଔଷଧ ପ୍ରସ୍ତୁତିରେ ଏହାର ବ୍ୟବହାର ରହିଛି। ଲୋକ ମାନେ ଏହାକୁ ନିତିଦିନିଆ ସାମଗ୍ରୀ ଭାବରେ ବ୍ୟବହାର କରିଆସୁଛନ୍ତି। ଏଣୁ ଏହାକୁ ଆଖି ଆଗରେ ରଖି ବାଂଶପାଳ ବ୍ଲକ ଅନ୍ତର୍ଗତ ବାୟାକୁମୁଟିଆ ଗ୍ରାମର ଭୂୟାଁ ଜନଜାତିର ଲୋକମାନେ ନିଜ ଉଦ୍ୟମରେ ଅଦା ଚାଷ କରି ରୋଜଗାରର ବାଟକୁ ଆପଣେଇଛନ୍ତି। ବିନା ସହାୟତାରେ ନିଜେ ଏହି ଚାଷ କରି ପାଖାପାଖି ୧୫ ପରିବାର ସ୍ୱାବଲମ୍ବୀ ହୋଇପାରିଛନ୍ତି।

ଏବେ ଟିକେ ଆଗକୁ ଯାଇ ସେମାନେ ନିଜ ଉଦ୍ୟମରେ ଅଦା ଚାଷ ଆରମ୍ଭ କରିଛନ୍ତି। ଯଶୋଦା ଧାଙ୍ଗଡା କହିଛନ୍ତି ଯେ ଆଗରୁ ଖାଇବା ପାଇଁ ଟିକେ ଟିକେ


ଗ୍ରାହକଙ୍କ ଅପେକ୍ଷାରେ ମହିଳା ଅଦାଚାଷୀ।

ଚାଷ କରୁଥିଲୁ। ଏବର୍ଷ ଅଧିକ ଜମିରେ ଚାଷ କରିଛୁ ଏବଂ ଏବେ ଅମଳ କରି ହାଟବଜାରରେ ବିକୁଛୁ। ଗତ ବର୍ଷ କରିଥିବା ଅଦାକୁ ବିହନ ଭାବରେ ସାଇତି ରଖି ସେସବୁକୁ ଚଳିତ ବର୍ଷ ଚାଷ କରିଛୁ। ରଜ ସମୟରେ ଚାଷ କରି ମକର ପରେ ଅମଳ କରୁଛୁ ବୋଲି ସେ କହିଛନ୍ତି। ଏହି ସବୁ ଚାଷ କାର୍ଯ୍ୟରେ ବନବାସୀ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ସେମାନେ ଚାଷ କାମରେ ସହଯୋଗ କରିବା ସହ ବିକ୍ରି ବଟା ପାଇଁ ହାଟବଜାର ଯାଇଥାନ୍ତି। କିନ୍ତୁ ବଜାର ଅଭାବରୁ ସେମାନେ ଅଦାର ଠିକ ମୂଲ୍ୟ ପାଉ ନ ଥିବା କହିଛନ୍ତି। କିଲୋ ୫୦ରୁ ୬୦ ଟଙ୍କାରେ ବିକୁଥିବା ବେଳେ ସାଇତି ରଖିବା ପାଇଁ କୌଣସି ସୁବିଧା ନ ଥିବାରୁ ନଷ୍ଟ ମଧ୍ୟ ହୋଇଯାଉଛି। ଏଣୁ ଆଗ୍ରହ ଥିଲେ ହେଁ ବାଂଶପାଳ ବ୍ଲକ ଅଞ୍ଚଳର ଏହି ଭୂୟାଁ ଓ ଜୁଆଙ୍ଗ ବନବାସୀ ମାନେ ହଳଦୀ ଭଳି ଅଦା ଚାଷ ଅଧିକ ପରିମାଣରେ କରିପାରୁନାହାନ୍ତି। ହଳଦୀ ଭଳି ଅଦା ଚାଷ ପାହାଡିଆ ଜମିରେ ଭଲ ହୋଇଥାଏ ଏବଂ ଏଥିପାଇଁ କମ ପାଣିର ଆବଶ୍ୟକତା ରହିଥାଏ। ସେହିପରି ଏହାକୁ ଗୋରୁଗାଈ ବା ହାତୀ ଖାଇ ନ ଥାନ୍ତି। ଏଣୁ ଏହାର ଅଧିକ ସୁରକ୍ଷା ଜରୁରୀ ହୋଇ ନ ଥାଏ। ସେମାନଙ୍କୁ ସରକାରୀ ସୁବିଧା ମିଳୁନାହିଁ। ନିଜେ ବିହନ ରଖିଥିଲୁ। ସାର କିଣି ପକେଇଲୁ। ପ୍ରାୟ ୧୨ଶହ ଟଙ୍କା ଖର୍ଚ୍ଚ କରିଛୁ। ଭାବୁଛୁ ୫ ହଜାର ଟଙ୍କା ପାଇବୁ। ବିକିଲେ ଜାଣିବୁ ବୋଲି ବନବାସୀ ଉଲ୍ଲାସ ନାଏକ କହିଛନ୍ତି। ସୁବିଧା ମିଳିଲେ ଆଉ ଟିକେ ଭଲ କରି ପାରିବୁ। ଏହା ଛଡା ପନିପରିବା ଚାଷ ମଧ୍ୟ କରୁଛୁ । ସମସ୍ତେ ନିଜ ନିଜର ଅଦା ଧରି ମିଶି ଅଟୋଭଡା ଦେଇ ହାଟବଜାରକୁ ଆଣୁଛୁ ଏବଂ ବିକିବା ପରେ ଘରକୁ ଫେରୁଛୁ ବୋଲି ବନବାସୀ ଦସରୀ ଧାଙ୍ଗଡ କହିଛନ୍ତି।

